# NATIONAL NEWS BULLETIN (ODIA)
## 19 March - 2024
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଦକ୍ଷ ଶାସନ କ୍ଷେତ୍ରରେ ନୂତନ ଚିନ୍ତାଧାରା ଓ ଜ୍ଞାନକୌଶଳ ପ୍ରଭାବଶାଳୀ ପରିବର୍ତ୍ତନ ଆଣିପାରିବ ।
- ଆମେରିକା ରାଷ୍ଟ୍ରପତିଙ୍କ ଅନୁରୋଧ ପରେ ଆଲୋଚନା ପାଇଁ ୱାଶିଂଟନ୍ ଆସିବେ ଇସ୍ରାଏଲ୍‌ର ଏକ ବରିଷ୍ଠ ପ୍ରତିନିଧି ଦଳ ।
- କୋଲକାତାର ଗାର୍ଡେନ୍ ରିଚ୍ ଅଞ୍ଚଳରେ କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ।
- ଓଡ଼ିଶାରେ ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ବୈଠକ ଅନୁଷ୍ଠିତ ।

– ସାମାଜିକ ଗଣମାଧ୍ୟମ ଉପରେ ନଜର ରଖିବା ପାଇଁ ନିଯୁକ୍ତି ହେବେ ଆଇ.ଜି. ପାହ୍ୟାର ପୋଲିସ ଅଧିକାରୀ ।

ଏବଂ

- ଆଜିଠାରୁ ଆରମ୍ଭ ହେବ ସୁଇସ୍ ଓପନ୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ।

# ପ୍ରେସିଡେଣ୍ଟ-ସିଭିଲ୍ ସର୍ଭିସ୍

ଦକ୍ଷ ଓ ସ୍ମାର୍ଟ ଶାସନ ପାଇଁ କୃତ୍ରିମ ବୁଦ୍ଧିମତା, ବ୍ଲକ୍ ଚେନ ଏବଂ ବିଗ୍ ଡାଟା ଆନାଲିଟିକ୍ସ ଭଳି ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସରକାରୀ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସମୃଦ୍ଧ ଏବଂ ବିବିଧ ଅନୁଭୂତି ସହିତ ନୂତନ ଚିନ୍ତାଧାରା ଓ ନୂତନ ଜ୍ଞାନକୌଶଳ ପ୍ରଭାବଶାଳୀ ପରିବର୍ତ୍ତନ ଆଣିପାରିବ ଯାହା କଳ୍ପନା କରାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ଭବନରେ ପ୍ରଶାସନିକ ସେବା ଅଧିକାରୀଙ୍କୁ ସେ ଏହା କହିଛନ୍ତି। ମହୀଶୂରର ଲାଲ ବାହାଦୁର ଶାସ୍ତ୍ରୀ ନ୍ୟାସନାଲ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନରେ ୧୨୫ତମ ଇଣ୍ଡକ୍ସନ ଟ୍ରେନିଂ କାର୍ଯ୍ୟକ୍ରମରେ ଏହି ଅଧିକାରୀମାନେ ଯୋଗ ଦେଉଛନ୍ତି।

ରାଷ୍ଟ୍ରପତି କହିଥିଲେ ଯେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିବା ସମୟରେ ଅଧିକାରୀମାନେ ଏକ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ଆଭିମୁଖ୍ୟକୁ ଧ୍ୟାନରେ ରଖିବା ଉଚିତ୍। ସେ କହିଛନ୍ତି ଯେ ବିଶ୍ୱ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ ୱାର୍ମିଂର ବିପଦର ସମ୍ମୁଖୀନ ହେଉଛି। ତେଣୁ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବା ଏବଂ ସ୍ଥାୟୀ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ପାଇଁ କର୍ତ୍ତୃପକ୍ଷ ଅଭିନବ ପଦକ୍ଷେପ ନେବା ଜରୁରୀ।

## ସିଇସି ଟ୍ରାନ୍ସଫର୍

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ବିବେକ ସହାୟଙ୍କୁ ପଶ୍ଚିମବଙ୍ଗର ନୂଆ ପୁଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ରାଜୀବ କୁମାରଙ୍କୁ ନିର୍ବାଚନ ଆୟୋଗ ପଦରୁ ହଟାଇବାର କିଛି ସମୟ ପରେ ଏହି ନିଯୁକ୍ତି କରାଯାଇଛି। ପୂର୍ବରୁ ଶ୍ରୀ ସାହାଇ ହୋମଗାର୍ଡର ମହାନିର୍ଦ୍ଦେଶକ ଓ କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ରାଜୀବ କୁମାରଙ୍କୁ ସୂଚନା ପ୍ରଯୁକ୍ତି ବିଦ୍ୟା ଓ ଇଲେକ୍ଟ୍ରୋନିକ୍ସ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି।

୨୦୨୧ ମାର୍ଚ୍ଚରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣରେ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିବା ପରେ ନିର୍ବାଚନ ଆୟୋଗ ବିବେକ ସହାୟଙ୍କୁ ନିଲମ୍ବନ କରିଥିଲେ। ପରେ ତାଙ୍କୁ ସୁରକ୍ଷା ନିର୍ଦ୍ଦେଶକ ପଦରେ ପୁନଃ ଅବସ୍ଥାପିତ କରାଯାଇଥିଲା।

ଅନ୍ୟପକ୍ଷରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁଜରାଟ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ଗୃହ ସଚିବଙ୍କୁ ବଦଳି କରାଯାଇଛି। ମିଜୋରାମ ଓ ହିମାଚଳ ପ୍ରଦେଶର ସାଧାରଣ ପ୍ରଶାସନିକ ବିଭାଗର ସଚିବଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରାଯାଇଛି।

ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିବାର କିଛି ଦିନ ପରେ ସିଇସି ରାଜୀବ କୁମାରଙ୍କ ନେତୃତ୍ୱରେ ଗଠିତ ନିର୍ବାଚନ କମିଟି

ବ୍ରିହନମୁମ୍ବାଇ ମ୍ୟୁନିସିପାଲିଟି କମିଶନର ଇକବାଲ ସିଂହ ଚହଲ, ଅତିରିକ୍ତ କମିଶନର ଏବଂ ଡେପୁଟି କମିସନରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ବାଇଡେନ୍-ନେତନ୍ୟାହୁ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି । ସେ କହିଛନ୍ତି, ରାଫା ଉପରେ ଆକ୍ରମଣ ଭୁଲ୍ ପ୍ରମାଣିତ ହେବ । ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଉଭୟ ନେତା କଥା ହୋଇଛନ୍ତି । ହ୍ୱାଇଟ୍ ହାଉସ୍‌ର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଜ୍ୟାକ୍ ସୁଲିଭାନ୍ କହିଛନ୍ତି, ଏହି ଆଲୋଚନା କାଳରେ ଆମେରିକା ରାଷ୍ଟ୍ରପତି ଆକ୍ରମଣର ପରିଣତି ସମ୍ପର୍କରେ ସୂଚାଇ ଦେଇଛନ୍ତି । ଯଦି ସ୍ଥଳ ଭାଗରେ ଆକ୍ରମଣ କରାଯାଏ ତେବେ ଅଧିକ ଲୋକଙ୍କ ମୃତ୍ୟୁ ଘଟିବ । ସେଠାରେ ପୂର୍ବରୁ ଦେଖାଦେଇଥିବା ମାନବିକ ସଂକଟ ଆହୁରି ବୃଦ୍ଧି ପାଇବା ସହ ଗାଜାରେ ଆହୁରି ଅଧିକ ବିଶୃଙ୍ଖଳା ଦେଖାଦେବ ବୋଲି ସେ କହିଛନ୍ତି । ଏହା ଫଳରେ ଇସ୍ରାଏଲ୍ ଆନ୍ତର୍ଜାତିକ ସ୍ତରରେ ଅଲଗା ହୋଇଯିବ ବୋଲି ବାଇଡେନ୍ କହିଛନ୍ତି । ସମ୍ଭାବ୍ୟ ବିକଳ୍ପ ନେଇ ଇସ୍ରାଏଲ୍‌ର ଏକ ବରିଷ୍ଠ ପ୍ରତିନିଧି ଦଳକୁ ୱାଶିଂଟନ୍ ପଠାଇବାକୁ ବାଇଡେନ୍‌ଙ୍କ ଅନୁରୋଧକୁ ନେତନ୍ୟାହୁ ଗ୍ରହଣ କରିଥିବା ଜଣାପଡ଼ିଛି ।

ଅନ୍ୟ ପକ୍ଷରେ ଜରୁରୀକାଳୀନ ସହାୟତା ନ ମିଳିଲେ ଉତ୍ତର ଗାଜାରେ ଦୁର୍ବିକ୍ଷ ଆଶଙ୍କା ଦେଖା ଦେଇପାରେ ବୋଲି ଜାତିସଂଘର ଖାଦ୍ୟ ନିରାପତ୍ତା କମିଟି କିଛି । ଗାଜା ଉପତ୍ୟକାରେ ପ୍ରାୟ ଅର୍ଦ୍ଧାଧିକ ଲୋକ ଭୋକରେ କାଳାତିପାତ କରୁଥିବା ଏକ ରିପୋର୍ଟରେ କୁହାଯାଇଛି ।

# କୋଲକାତା ବିଲ୍ଡିଂ

କୋଲକାତାର ଗାର୍ଡେନ୍ ରିଚ୍ ଅଞ୍ଚଳରେ ଶନିବାର ଏକ ନିର୍ମାଣାଧୀନ ୫ ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ଦୁଇ ମହିଳାଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ସୋମବାର ପୁଲିସ ଏହି ସୂଚନା ଦେଇଥିଲା। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଅତି କମରେ ୪ ଜଣ ଲୋକ ଏବେ ବି ଭଗ୍ନାବଶେଷ ତଳେ ଫସି ରହିଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ। ସେମାନଙ୍କ ମଧ୍ୟରୁ କେବଳ ଜଣେ ଜୀବିତ ଅଛନ୍ତି।

କୋଲକାତାର ମେୟର ଫିରହାଦ ହକିମ କହିଛନ୍ତି ଯେ କୋଠା ଭୁଶୁଡ଼ିବା ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଲ୍ଡିଂର ପ୍ରମୋଟର ମହମ୍ମଦ ଓ୍ୱାସିମଙ୍କୁ ଗିରଫ କରାଯାଇଛି ଏବଂ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହକିମ କହିଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡ଼ିଛି ।

## ବୁଲଗେରିଆ ପ୍ରେଜ୍-ନାଭି

ଅପହୃତ ବୁଲଗେରିଆ ଜାହାଜ ଏମଭି ରୁଏନ୍ ଉପରେ ସଫଳତାର ସହ ଉଦ୍ଧାର କାର୍ଯ୍ୟ କରିଥିବାରୁ ବୁଲଗେରିଆ ରାଷ୍ଟ୍ରପତି ରୁମେନ୍ ରାଦେଭ ଭାରତୀୟ ନୌସେନାକୁ କୃତଜ୍ଞତା ଜଣାଇଛନ୍ତି। ୭ ଜଣ ବୁଲଗେରିଆ ନାଗରିକଙ୍କ ସମେତ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିଥିବାରୁ ରାଷ୍ଟ୍ରପତି ରାଦେଭ ଭାରତୀୟ ନୌସେନାକୁ ଧନ୍ୟବାଦ ଜଣାଇଛନ୍ତି।

ଗତକାଲି ବୁଲଗେରିଆର ବୈଦେଶିକ ମନ୍ତ୍ରୀ ମାରିଆ ଗାବ୍ରିଏଲ, ବୁଲଗେରିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ ରାଣାଙ୍କ ସହ ଆଲୋଚନା କରି ବୁଲଗେରିଆ ନାଗରିକଙ୍କୁ ଉଦ୍ଧାର କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ସମସ୍ତ ନାବିକଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ଏବଂ ସେମାନଙ୍କୁ ଠିକ୍ ସମୟରେ ବୁଲଗେରିଆକୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

ଗତ ବର୍ଷ ଡିସେମ୍ବର ମାସରେ ୟେମେନର ସୋକୋତ୍ରା ଦ୍ୱୀପ ନିକଟରେ ଆରବ ସାଗରରେ ଡକାୟତମାନେ ୭ ଜଣ ବୁଲଗେରିଆ, ୯ ଜଣ ମିଆଁମାର ଏବଂ ଜଣେ ଆଙ୍ଗୋଲା ନାଗରିକଙ୍କୁ ନେଇ ଯାଉଥିବା ରୁଏନ୍ ଜାହାଜକୁ ଅପହରଣ କରି ନେଇଥିଲେ। ଭାରତୀୟ ନୌସେନାର

ସୂଚନା ଅନୁଯାୟୀ ଆଇଏନଏସ କୋଲକାତା ଭାରତୀୟ ଉପକୂଳରୁ ପ୍ରାୟ ୨୬୦୦ କିଲୋମିଟର ଦୂରରେ ଯାତ୍ରା କରୁଥିବା ଅପହୃତ ଜାହାଜକୁ ଅଟକାଇ ଥିଲା । ୪୦ ଘଣ୍ଟା ଧରି ଚାଲିଥିବା ଏହି ଅଭିଯାନରେ ଭାରତୀୟ ଯୁଦ୍ଧ ଜାହାଜ ଆଇଏନଏସ ସୁଭଦ୍ରା, ଡ୍ରୋନ୍, ସାମୁଦ୍ରିକ ପାଟ୍ରୋଲିଂ ଏୟାରକ୍ରାଫ୍ଟ ଏବଂ ମାର୍କୋସ୍ ପ୍ରହାର ସହଯୋଗ କରିଥିଲେ ।

## ପ୍ରେଜ୍-ଇସି

ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ଡ. ସୁଖବୀର ସିଂହ ସାନ୍ଧୁ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଗତ ସପ୍ତାହରେ ଉଭୟ ନିର୍ବାଚନ କମିଶନରଙ୍କୁ ନିଯୁକ୍ତି ଦିଆଯାଇଥିଲା ।

## ଓଡ଼ିଶା ଇଲେକ୍‌ସନ୍

ଓଡ଼ିଶାରେ ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ପୋଲିସ ମୁତୟନ, ଇଭିଏମ୍ ପରିଚାଳନା, ଷ୍ଟ୍ରଙ୍ଗ ରୁମ୍ ସୁରକ୍ଷା, ମତଦାନ ଦିବସରେ ଶାନ୍ତିଶୃଙ୍ଖଳା, ସାମାଜିକ ଗଣମାଧ୍ୟମ

ପ୍ରସାରଣକୁ ରୋକିବା ସହିତ ମାଦକ ଦ୍ରବ୍ୟର ଚୋରା ନିୟନ୍ତ୍ରଣ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିସହିତ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ସହ ଅଭ୍ୟାସଗତ ଅପରାଧିଙ୍କୁ ଗିରଫ କରିବା ନେଇ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟପକ୍ଷରେ ନିର୍ବାଚନ ଆଚରଣବିଧି ଲାଗୁ ହେବ ହେବା ପରେ ଗତକାଲି ପୋଲିସ ମହାନିର୍ଦ୍ଦେଶ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନ୍ ଶୃଙ୍ଖଳା ସ୍ଥିତିକୁ ମଜବୁତ କରିବା ସହିତ ସାମାଜିକ ଗଣମାଧ୍ୟମରେ ମିଥ୍ୟାଖବର ପ୍ରସାରଣ ଉପରେ ନଜର ରଖିବା ପାଇଁ ଜଣେ ଆଇଜି ପାହ୍ୟାର ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯିବ ବୋଲି ଜଣାପଡ଼ିଛି ।

## ରାହୁଲ-ମୋଦି

କଂଗ୍ରେସ ନେତା ରାହୁଲ ଗାନ୍ଧି ସ୍ପଷ୍ଟ କରିଛନ୍ତି ଯେ 'କ୍ଷମତା' ସେହି ଶକ୍ତିକୁ ବୁଝାଉଛି ଯାହା ଭାରତର ସ୍ୱର, ଏହାର ଅନୁଷ୍ଠାନ ଏବଂ ଭାରତର ସମଗ୍ର ସାମ୍ବିଧାନିକ ଢାଞ୍ଚାକୁ ବାନ୍ଧି ରଖିଛି । ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ୍ତବ୍ୟର ଅର୍ଥ ବିକୃତ କରୁଥିବା ନେଇ ରାହୁଲ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଭିଯୋଗ କରିଛନ୍ତି ।

## ପିଏମ୍-ପୁଟିନ୍

ରୁଷିଆର ରାଷ୍ଟ୍ରପତି ଭାବେ ପୁନର୍ବାର ନିର୍ବାଚିତ ହୋଇଥିବା ଭ୍ଲାଦିମିର ପୁଟିନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତ ଏବଂ ରୁଷ୍ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ପୁଟିନଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଆଗ୍ରହୀ।

## ସିଡିଏସ୍-ଜେନେରାଲ୍

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ପୁଣେସ୍ଥିତ ଆର୍ମଡ୍ ଫୋର୍ସ ମେଡିକାଲ କଲେଜକୁ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ୨୦୨୨ ଜୁଲାଇ ୧ରୁ ୨୦୨୩ ଜୁନ ୩୦ ମଧ୍ୟରେ ଦୃଷ୍ଟାନ୍ତମୂଳକ ପ୍ରତିବଦ୍ଧତା ଏବଂ ସେବା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସଶସ୍ତ୍ର ବାହିନୀ ମେଡିକାଲ କଲେଜର ନିର୍ଦ୍ଦେଶକ ତଥା କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ ଜେନେରାଲ ନରେନ୍ଦ୍ର କୋଟୱାଲ ଏବଂ ସୁବେଦାର ମେଜର ଆର କେ ସିଂହ ଜେନେରାଲ ଚୌହାନଙ୍କଠାରୁ ସାର୍ଟିଫିକେଟ୍

ଗ୍ରହଣ କରିଥିଲେ। ଏହି ଅବସରରେ ସଶସ୍ତ୍ର ବାହିନୀର କାର୍ଯ୍ୟରତ ଓ ଅବସରପ୍ରାପ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆର୍ମଡ୍ ଫୋର୍ସ ମେଡିକାଲ କଲେଜ ଏସିଆର ପ୍ରଥମ ମେଡିକାଲ କଲେଜ ଯାହା କୌଣସି ଦେଶର ସଶସ୍ତ୍ର ବାହିନୀ ଦ୍ୱାରା ପ୍ରତିଷ୍ଠିତ। ଏହା କ୍ରମାଗତ ଭାବରେ ଭାରତର ଶ୍ରେଷ୍ଠ ତିନୋଟି ମେଡିକାଲ କଲେଜ ମଧ୍ୟରେ ରହିଆସିଛି।

## ଇଣ୍ଡିଆ-କାବୋ ଭର୍ଡେ

ଭାରତ ଏବଂ ପଶ୍ଚିମ ଆଫ୍ରିକୀୟ ଦେଶ କାବୋ ଭର୍ଡେ ପ୍ରଥମ ବୈଦେଶିକ କାର୍ଯ୍ୟାଳୟ ଆଲୋଚନା ହୋଇଛି। ଏହି ବୈଠକରେ ରାଜନୈତିକ ସହଯୋଗ, ଅର୍ଥନୈତିକ ଭାଗିଦାରୀ, ବିକାଶ ସହାୟତା, ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ବହୁପକ୍ଷୀୟ କ୍ଷେତ୍ରରେ ପରାମର୍ଶ ଓ ସହଯୋଗର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର କେନ୍ଦ୍ର ଓ ପଶ୍ଚିମ ଆଫ୍ରିକା ଅତିରିକ୍ତ ସଚିବ ସେଉଲା ନାଏକ ମୁଡେ ଏବଂ ବୈଦେଶିକ ବ୍ୟାପାର ଓ ସହଯୋଗ ସଚିବ ଡ. ମିରିଆନ୍ ଜାମିଲା ସେନା ଭିଏରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ଆଲୋଚନା ଉଭୟ ପକ୍ଷଙ୍କୁ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ସମନ୍ୱୟ ରକ୍ଷା କରିବାର ସୁଯୋଗ ପ୍ରଦାନ କରିଥିଲା ଏବଂ ଏଥିପାଇଁ ଉଭୟ ପକ୍ଷ ବହୁପାକ୍ଷିକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଦୃଢ଼ ସହମତି ପ୍ରକାଶ କରିଥିଲେ। ଭାରତ ଗତବର୍ଷ କାବୋ ଭର୍ଡେରେ ନିଜର ମିଶନ ଖୋଲିଥିଲା ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଗତିକୁ ପୁନର୍ଜୀବିତ କରିଛି। ଭାରତ ଏବଂ କାବୋ ଭର୍ଡେ ମଧ୍ୟରେ ଦୀର୍ଘଦିନର ବନ୍ଧୁତା ଏବଂ ସହଯୋଗର ସମ୍ପର୍କ ରହିଛି।

## ସୁଇସ୍ ବ୍ୟାଡ୍‌ମିଣ୍ଟନ୍

ସୁଇଜରଲ୍ୟାଣ୍ଡର ବାସେଲ୍‌ରେ ଆଜିଠାରୁ ସୁଇସ୍ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ପୁରୁଷ ଏକକ ବର୍ଗରେ ସପ୍ତମ ମାନ୍ୟତାପ୍ରାପ୍ତ ଭାରତର ଲକ୍ଷ୍ୟ ସେନ୍ ମାଲେସିଆର ଲିଓଙ୍ଗ୍ ଜୁନ୍ ହାଓଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ । ସେହିଭଳି କିଦାମ୍ବୀ ଶ୍ରୀକାନ୍ତ ତାଇୱାନ୍ ବିପକ୍ଷରେ ଖେଳିବେ ।

ମହିଳା ଏକକ ବର୍ଗରେ ଚତୁର୍ଥ ମାନ୍ୟତାପ୍ରାପ୍ତ ପି.ଭି. ସିନ୍ଧୁ ଜର୍ମାନୀର ୟନ୍ ଲିଙ୍କୁ ଭେଟିବେ। ଅନ୍ୟ ପକ୍ଷରେ ମହିଳା ଡବଲ୍ସରେ ଅଶ୍ୱିନୀ ପୋନ୍ନାପା ଏବଂ ତନିଶା କ୍ରାଷ୍ଟୋ ଇଣ୍ଡୋନେସିଆର ମେଇଲିସା ତ୍ରିୟାସ୍ ଓ ରାଜେଲ ରୋଜ୍‌ଙ୍କୁ ଭେଟିବାକୁ ଥିବା ବେଳେ ଅନ୍ୟ ଭାରତୀୟ ଯୋଡ଼ି ତ୍ରିଶା

ଜଲି ଓ ଗାୟତ୍ରୀ ଗୋପିଚାନ୍ଦ, ଆମେରିକାର ଆନି ଜୁ ଓ କେରି ଜୁଙ୍କ ଯୋଡ଼ି ସହ ମୁହାଁମୁହିଁ ହେବେ । ଏହି ପ୍ରତିଯୋଗୀତା ରବିବାର ଶେଷ ହେବ ।

# ମିଆମି ଓପନ୍ ଟେନିସ୍

ମିଆମି ଓପନ୍ ଟେନିସରେ ଭାରତୀୟ ଖେଳାଳି ସୁମିତ ନାଗଲ ପୁରୁଷ ସିଙ୍ଗଲ୍ସ ବର୍ଗରେ ରାଉଣ୍ଡ ଅଫ୍ ୬୪ରେ ପହଞ୍ଚିଛନ୍ତି। ଆଜି ଯୋଗ୍ୟତା ପର୍ଯ୍ୟାୟରେ ନାଗାଲ କାନାଡାର ଗାବ୍ରିଏଲ୍ ଡିଆଲୋଙ୍କୁ ୭-୬, ୬-୨ ସେଟ୍ ରେ ପରାସ୍ତ କରିଥିଲେ। ଶୁକ୍ରବାରଠାରୁ ୬୪ତମ ରାଉଣ୍ଡ ଆରମ୍ଭ ହେବ।